# ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ

ସା/ପୋ.ଅ. – ମାଳିସାହି, ଜି- ବୌଦ୍ଧ, ପିନକୋଡ-762014

ବିଜ୍ଞାପନ ସଂଖ୍ୟା. ୫୬୪ ତାରିଖ. ୧୨.୦୯.୨୨

## ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ ଦ୍ୱାରା ବୌଦ୍ଧ ସହରରେ ନିର୍ମିତ ଆଦର୍ଶ କୃଷି ବଜାର ପ୍ରାଙ୍ଗଣରେ ତିଆରି ହୋଇଥିବା ପ୍ରଥମ ମହଲାର ୨୦ ଗୋଟି ( ୧୦ ଫୁଟ x ୧୧.୫ ଫୁଟ) ନୂତନ ଦୋକାନ ଗୃହ (କ୍ର.ନଂ. ୦୩ ରୁ ୨୨) ଏବଂ ଦ୍ୱିତୀୟ ମହଲାରେ ନିର୍ମିତ ୮ ଗୋଟି ଛୋଟ ଗୋଦାମ ଗୃହ ସମେତ ଏକ ଖୋଲା ଜାଗା (୫୭ ଫୁଟ x ୪୩ ଫୁଟ) ଆବଣ୍ଟନ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ବିଶେଷ ଙ୍କ ଠାରୁ ମୁଦ ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଅଫିସ୍ କାର୍ଯ୍ୟ ନିର୍ଘଣ୍ଟ ସମୟରେ ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ କାର୍ଯ୍ୟାଳୟରୁ ଏଥି ସକାଶେ ଉଦ୍ଦିଷ୍ଟ ଆବେଦନ ଫର୍ମ ଟ.୧୦୦୦/- (ଏକ ହଜାର ଟଙ୍କା) ମାତ୍ର (ଫେରସ୍ତ ଯୋଗ୍ୟ ନୁହେଁ) ଜମା ଦେଇ ଆସନ୍ତା ତା. ୧୪.୦୯.୨୦୨୨ ରିଖ ଠାରୁ ତା. ୨୮.୦୯.୨୦୨୨ ରିଖ ମଧ୍ୟରେ ସଂଗ୍ରହ କରି ପାରିବେ । ଆବେଦନ ପତ୍ର କୁ ସଠିକ୍ ଭାବେ ପୂରଣ କରି ଆବଶ୍ୟକୀୟ କାଗଜପତ୍ର ସହ ତା.୨୮.୦୯.୨୦୨୨ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ/କ୍ଷିପ୍ର ଡାକ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଏତଦ୍ ବ୍ୟତୀତ ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ କାର୍ଯ୍ୟାଳୟରେ ରଖାଯାଇଥିବା ମୁଦ ବାକ୍ସରେ ଛୁଟି ଦିନ ବ୍ୟତୀତ କାର୍ଯ୍ୟଦିବସ ଗୁଡ଼ିକରେ ପୂର୍ବାହ୍ନ ୧୦.୦୦ଘଟିକା ଠାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ପକାଇ ପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ ଆସିଥିବା କୌଣସି ଦରଖାସ୍ତ କୁ ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଗୁଡ଼ିକ ତା. ୨୯.୦୯.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ସବିଶେଷ ବିବରଣୀ ପାଇଁ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ବୌଦ୍ଧ ସହିତ ଯୋଗାଯୋଗ କରିପାରନ୍ତି ।

**ସର୍ତ୍ତାବଳୀ**

1. ପ୍ରଥମ ମହଲାର ପ୍ରତ୍ୟେକ ଦୋକାନ ଗୃହ ଓ ଦ୍ୱିତୀୟ ମହଲାର ପ୍ରତ୍ୟେକ ଛୋଟ ଗୋଦାମ ଗୃହ ର ମାସିକ ଭଡା ଟ.୩୫୦୦/- + ୫୦୦/-(ରକ୍ଷଣା ବେକ୍ଷଣ ଖର୍ଚ୍ଚ) ମାତ୍ର ସ୍ଥିରିକୃତ ହୋଇଅଛି ।
2. ପ୍ରତି ତିନି ବର୍ଷରେ ମାସିକ ଭଡାର ଶତକଡା ଦଶଭାଗ ଭଡା ବୃଦ୍ଧି ହେବ ।
3. ଆବେଦନ ଫର୍ମ ଟ.୧୦୦୦/- ଙ୍କା (ଏକ ହଜାର ଟଙ୍କା) ( ଫେରସ୍ତ ଯୋଗ୍ୟ ନୁହେଁ) ମାତ୍ର ନଗଦ ଦେୟ / ବ୍ୟାଙ୍କ ଡ୍ରାପ୍ଟ ମାଧ୍ୟମରେ ଦାଖଲ କରି ଅଫିସ କାର୍ଯ୍ୟ ନିର୍ଘଣ୍ଟ ସମୟରେ ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ କାର୍ଯ୍ୟାଳୟରୁ ପାଇ ପାରିବେ ।
4. ପ୍ରଥମ ମହଲାର ୨୦ ଗୋଟି ଦୋକାନ ଗୃହ ମଧ୍ୟରୁ ୩ ଗୋଟି ଅନୁସୂଚୀତ ଜାତି, ୨ ଗୋଟି ଅନୁସୂଚୀତ ଜନଜାତି ଓ ୧ ଗୋଟି ଦିବ୍ୟାଙ୍ଗଙ୍କ ନିମନ୍ତେ ସଂରକ୍ଷିତ ରହିବ ।
5. ଜଣେ ବ୍ୟକ୍ତି / ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ଗୋଟିଏ ଦୋକାନ ଗୃହ ନିମନ୍ତେ ଆବେଦନ କରିପାରିବେ ।
6. ଦୋକାନ ଗୃହ ଗୁଡ଼ିକୁ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯିବ ।
7. ଆବଣ୍ଟିତ ଦୋକାନ ଗୃହକୁ କୌଣସି ବ୍ୟକ୍ତି ପୁନର୍ବାର ଭଡାଦେଇ ପାରିବେ ନାହିଁ କିମ୍ବା ଅତିକମରେ ଦୁଇ ବର୍ଷ ପୂର୍ବରୁ ଛାଡିପାରିବେ ନାହିଁ । ଯଦି ଦୁଇବର୍ଷ ପରେ ଛାଡିବେ, ତେବେ ଦୁଇ ମାସ ପୂର୍ବରୁ ଲିଖିତ ସୂଚନା ଦେବେ ।
8. କୃଷିଜାତ ଦ୍ରବ୍ୟ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଅଗ୍ରାଧିକାର ଦିଆଯିବ ।
9. କୌଣସି ଦୋକାନ ଗୃହ/ ଛୋଟ ଗୋଦାମ ଗୃହକୁ ଆମିଷ ବ୍ୟବସାୟ ତଥା ମାଦକ ଦ୍ରବ୍ୟ ବିକ୍ରୟ ନିମନ୍ତେ ବ୍ୟବହାର କରାଯାଇ ପାରିବ ନାହିଁ ।
10. ପ୍ରତ୍ୟେକ ଦୋକାନଗୃହ / ଛୋଟ ଗୋଦାମ ଗୃହ ନିମନ୍ତେ ଟ.୧,୦୦,୦୦୦/-(ଏକ ଲକ୍ଷ ଟଙ୍କା) ର ସ୍ଥାୟୀ ଜମା (ସିକ୍ୟୁରିଟି) ସ୍ଥିର କରାଯାଇଅଛି ଯାହାକି ଆବଣ୍ଟିତ ହୋଇଥିବା ଯୋଗ୍ୟ ବ୍ୟକ୍ତି ଆବଣ୍ଟନ ତାରିଖର ୭ ଦିନ ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ କାର୍ଯ୍ୟାଳୟ ଠାରେ ପଇଠ କରିବେ, ନଚେତ୍ ଉକ୍ତ ଆବେଦନକାରୀଙ୍କ ଦରଖାସ୍ତ କୁ ବାତିଲ କରାଯିବ । ଦ୍ୱିତୀୟ ମହଲାରେ ଥିବା ଖୋଲାଜାଗା ନେଉଥିବା ବ୍ୟକ୍ତିଙ୍କ ସହ ଉଭୟ ପକ୍ଷଙ୍କ ସହମତି ଭିତ୍ତିରେ ଏବଂ କେଉଁ କାର୍ଯ୍ୟ ନିମନ୍ତେ ବ୍ୟବହାର କରିବେ ତାକୁ ବିଚାର କରାଯାଇ ମାସିକ ଭଡା ସହ ସ୍ଥାୟୀଜମା (ସିକ୍ୟୁରିଟି) ସ୍ଥିର କରାଯିବ ।

11. ଆବଦେନ ଫର୍ମ ସହିତ ନିମ୍ନଲିଖିତ ନଥିପତ୍ର ସଂଲଗ୍ନ କରିବାକୁ ପଡିବ ।

(କ) ଭୋଟର ପରିଚୟ ପତ୍ର ନକଲ / କିଷାନ କ୍ରେଡିଟ କାର୍ଡର ନକଲ ।

(ଖ) ଆଧାର କାର୍ଡର ନକଲ ।

(ଗ) ଅମାନତ ଜମା (E.M.D.) ଟ.୫,୦୦୦/-ଙ୍କା (ପାଞ୍ଚ ହଜାର ଟଙ୍କା) ର T.D.R./S.T.D.R. duly pledged in favour of the Secretary, RMC, Boudh ଆକାରରେ ଦେବାକୁ ପଡିବ ।

(ଘ) ଆବେଦନ ଫର୍ମ କ୍ରୟ ନିମନ୍ତେ ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ ଦ୍ୱାରା ପ୍ରାପ୍ତ ହୋଇଥିବା ଟ.୧୦୦୦/- (ଏକ ହଜାର ଟଙ୍କା) ର Original ରସିଦ୍ ଦେବାକୁ ପଡିବ ।

12. ଉପରୋକ୍ତ ନିୟମାବଳୀ ଅନୁଯାୟୀ ନଥିପତ୍ର ସହିତ ସଠିକ୍ ତଥ୍ୟ ଦାଖଲ କରି ନ ଥିଲେ ଆବେଦନକାରୀଙ୍କ ଦରଖାସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନାକଚ୍ କରାଯିବ ।

13. ଏଥି ନିମନ୍ତେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ । ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ କୌଣସି / ସମସ୍ତ ଦରଖାସ୍ତ ଗୁଡିକୁ ଅଗ୍ରାହ୍ୟ କରି ପାରିବେ ।

ଉପ-ଜିଲ୍ଲାପାଳ, ବୌଦ୍ଧ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ